# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ମେ - ୨୦୨୩ MAY-2023


## ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ସମ୍ପନ୍ନ

ଶ୍ରୀମନ୍ଦିରରେ ବିରାଜମାନ କରିଥିବା ଶ୍ରୀବିଗ୍ରହମାନଙ୍କର, ବର୍ଷକରେ ପାଳିତ ହେଉଥିବା ବିଭିନ୍ନ ଯାନି-ଯାତ୍ରା ମଧ୍ୟରେ 'ଦ୍ୱାଦଶ ଯାତ୍ରା' ଗୁଡ଼ିକ ବିଶେଷ ଗୁରୁତ୍ୱ ବହନ କରିଥାଆନ୍ତି । ତନ୍ମଧ୍ୟରୁ 'ଚନ୍ଦନ ଯାତ୍ରା' ଏକ ଦୀର୍ଘକାଳୀନ ଯାତ୍ରା ଅଟେ । ଏହି ଯାତ୍ରା ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ତିଥିରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ବାହାର ଚନ୍ଦନ ଓ ଭିତର ଚନ୍ଦନ ଭେଦରେ ଏହା- ଦୁଇ ପ୍ରକାର । ଅକ୍ଷୟ ତୃତୀୟା ଠାରୁ ୨୧ ଦିନ ଶ୍ରୀମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ- ସୁସଜ୍ଜିତ ମଣି ବିମାନରେ ରାମ ଓ କୃଷ୍ଣ ସୁମଣ୍ଡିତ ପାଲିଙ୍କିରେ, ପଞ୍ଚପାଣ୍ଡବ- ନିଜସ୍ୱ ବିମାନରେ ଆରୂଢ଼ ହୋଇ ନରେନ୍ଦ୍ର ପୁଷ୍କରିଣୀକୁ ନୌବିହାର ନିମନ୍ତେ ଯାତ୍ରା କରିଥାଆନ୍ତି ।




ଏହି ପରିପ୍ରେକ୍ଷୀରେ ଗତ ତା ୨୩.୪.୨୩ ରିଖ ରବିବାର ଅକ୍ଷୟ ତୃତୀୟା ଠାରୁ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ନାମରେ ଦୁଇଟି ଚପ ସୁସଜ୍ଜିତ ହୋଇ ରହିଥିଲା । ପ୍ରଥମ ଚପରେ- ରାମ ଓ କୃଷ୍ଣଙ୍କ ସହ ପଞ୍ଚ ପାଣ୍ଡବ- ତଥା ଶ୍ରୀଜମ୍ବେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ, ଶ୍ରୀନୀଳକଣ୍ଠେଶ୍ୱର ଏବଂ ଦ୍ୱିତୀୟ ଚପରେ- ଶ୍ରୀମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀ ବିରାଜମାନ କରି ଚପକ୍ରୀଡ଼ା କରିଥିଲେ । ପ୍ରତ୍ୟହ ଦିନଚପ ଓ ରାତ୍ରଚପ ଅନୁଷ୍ଠିତ ହୋଇଥିଲା । ତା ୧୨.୫.୨୩ରିଖ ଶୁକ୍ରବାର 'ଭଉଁରୀ ଯାତ୍ରା' ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଭଉଁରୀ ନୀତି ସଅଳ ସମ୍ପନ୍ନ ହୋଇଥିଲା । ପୂର୍ବାହ୍ନରେ ରଥଖଳାକୁ 'ଆଜ୍ଞାମାଳ' ବିଜେ କରିଥିଲେ ଏବଂ ସେଠାରେ 'ରଥଚକା ଡେରା' ଯାଇଥିଲା । ଆଜ୍ଞାମାଳ ପାଇ ଦିଅଁ ବିମାନକୁ ବିଜେ କରିଥିଲେ ଘ.୪.୧୦ମି. ରେ । ଅପରାହ୍ନ ଘ.୫.୦୦ରେ ଚନ୍ଦନ ଉପଲକ୍ଷେ ବିମାନ ଉଠିଥିଲା । ଏହି ସମୟରେ ବଡ଼ଦାଣ୍ଡରେ ଭକ୍ତ ସମାବେଶ ଲାଗି ରହିଥିଲା । ଶୋଭାଯାତ୍ରାରେ ପୁରୀ ସାହି ଯାତର ବିଭିନ୍ନ ପାରମ୍ପରିକ ମେଢ଼, କାହାଳୀ, ଘଣ୍ଟଛତା, ବୈଜୟନ୍ତୀ, କୀର୍ତ୍ତନମଣ୍ଡଳୀ ଏବଂ ପାରମ୍ପରିକ ଲୋକକଳା ଇତ୍ୟାଦି ଦଳମାନେ ସାମିଲ ହୋଇଥିଲେ । ମଣିବିମାନରେ ମଦନମୋହନ ସହ ଭୂଦେବୀ, ଶ୍ରୀଦେବୀ ଥିବାବେଳେ ଶୋଭାଯାତ୍ରାର ସମ୍ମୁଖ ଭାଗରେ ପାଲିଙ୍କିରେ ରାମକୃଷ୍ଣ ଏବଂ ସର୍ବଶେଷରେ ପଞ୍ଚମହାଦେବଙ୍କ ବିମାନମାନ ସାମିଲ ହୋଇଥିଲେ । ଭଉଁରୀରେ ପ୍ରଭୁଙ୍କ ଦିନଚପକୁ ଭକ୍ତବୃନ୍ଦ ଉପଭୋଗ କରିଥିଲେ । ଦିନଚପ ପରେ 'ଚନ୍ଦନ କୁଣ୍ଡ'ରେ ଠାକୁରଙ୍କ ସ୍ନାନ ଶେଷ ହୋଇଥିଲା । ଏହାପରେ ଚନ୍ଦନ ଠାକୁରମାନଙ୍କୁ ପୋଛାପୋଛି ହୋଇ ବେଶ, ଫୁଲ, ଅଳଙ୍କାର ଲାଗି ଆଦି ନୀତି ସମ୍ପନ୍ନ ହୋଇଥିଲା । ତତ୍‌ପରେ ଚନ୍ଦନ ମଣ୍ଡପରେ ମାଣ୍ଡୁଅ ଭୋଗ, ତିନିପଟିଆ, ଚାରିପଟିଆ ଏବଂ କେଳି ଆଦି ଭୋଗ ଖାଇ ଠାକୁରମାନେ ଭଉଁରୀ ନୌବିହାରକୁ ବାହାରିଥିଲେ । ଏହାପରେ ଠାକୁରମାନେ ନରେନ୍ଦ୍ର ପୁଷ୍କରିଣୀର ଚାରିକୋଣ ଏବଂ ପୁଷ୍କରିଣୀ ମଧ୍ୟଭାଗସ୍ଥିତ 'ଦୀପଦାଣ୍ଡି' ଚାରିପାର୍ଶ୍ୱରେ 'ଭଉଁରୀ' ବୁଲିବା ଭଳି ଚପ ଖେଳିଥିଲେ । ଏହି ଚପକ୍ରୀଡ଼ା ଦୃଶ୍ୟ ଅତୀବ ଚିତ୍ତାକର୍ଷକ ଓ ମନୋମୁଗ୍ଧକର ଥିଲା ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଆମ୍ଭର ମହାପ୍ରଭୁ ହେଲେ ଭାବ, ଭକ୍ତି, ରସ ଏବଂ ରଙ୍ଗର ଠାକୁର । ସେ ମଧ୍ୟ ଭଜନ ଏବଂ ଜଣାଣ ପ୍ରିୟ । ମହାପ୍ରଭୁଙ୍କ ଚିତ୍ତବିନୋଦନ ପାଇଁ ଅତୀତରେ ଏବଂ ବର୍ତ୍ତମାନ ମଧ୍ୟ ଅନେକ ଗାୟକ-ଗାୟିକା, କବି ଭକ୍ତି ସଙ୍ଗୀତମାନ ରଚନା କରିବା ସହିତ ଗାୟନ ମଧ୍ୟ କରିଆସୁଅଛନ୍ତି । ସେହି ପରିପ୍ରେକ୍ଷୀରେ ମହାପ୍ରଭୁଙ୍କ ପ୍ରତି କିଛି ଭକ୍ତିର ଅର୍ଘ୍ୟ ଅର୍ପଣ କରିବା ନିମନ୍ତେ 'ଶ୍ରୀମନ୍ଦିର ପ୍ରଶାସନ' ତରଫରୁ, ବିଗତ ୧୯୮୨ ମସିହାରୁ ପ୍ରତ୍ୟେକ ବର୍ଷ ନରେନ୍ଦ୍ର ପୁଷ୍କରିଣୀସ୍ଥିତ ଚକଡ଼ା ଠାରେ 'ପାରମ୍ପରିକ ଭକ୍ତି ସଂଗୀତ ସମାରୋହ' ଅନୁଷ୍ଠିତ କରାଯାଉଅଛି । ଏଥିରେ ପୁରୀ ସହରର ପ୍ରତିଷ୍ଠିତ ସଙ୍ଗୀତ ଅନୁଷ୍ଠାନମାନେ ମହାପ୍ରଭୁଙ୍କ ଚନ୍ଦନ ଏବଂ ଚପ ସମୟରେ କେବଳ ପାରମ୍ପରିକ ଓଡ଼ିଶୀ, ଛାନ୍ଦ, ଚମ୍ପୂ ଓ ପୁରାତନ ରଚନାରୁ ଭଜନ ଓ ଜଣାଣ ଗାୟନ କରିଥାଆନ୍ତି ।

ଚଳିତ ବର୍ଷ ୨୪ଟି ଅନୁଷ୍ଠାନ ତା ୨୩.୪.୨୩ରିଖ ଅକ୍ଷୟ ତୃତୀୟା ଠାରୁ ଭଉଁରୀ ଯାତ୍ରା ତା ୧୨.୫.୨୩ ପର୍ଯ୍ୟନ୍ତ ଦୀର୍ଘ ୨୦ ଦିନ ବ୍ୟାପୀ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ । ଏଠି ବହୁ ସଂଖ୍ୟାରେ ଭକ୍ତମାନେ ପାରମ୍ପରିକ ସଙ୍ଗୀତ ଓ ନୃତ୍ୟ ସଂଦର୍ଶନ ତଥା ଶ୍ରବଣ କରି ବିମୋହିତ ହୋଇପଡ଼ିଥିଲେ ।

ଚନ୍ଦନ ଯାତ୍ରାର ଏହି ଅନ୍ତିମ ପର୍ବ 'ଭଉଁରୀ'ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ, ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମନ୍ଦିରର ସମସ୍ତ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ସର୍ବୋପରି ସେବକ ତଥା ସେବକ ନିଯୋଗମାନଙ୍କର ନିଷ୍ଠା ଓ ପ୍ରତିବଦ୍ଧତା ଯୋଗୁଁ ଏହି ଦୀର୍ଘକାଳୀନ ଯାତ୍ରାଟି ଅତ୍ୟନ୍ତ ଶାନ୍ତି-ଶୃଙ୍ଖଳାର ସହ ସମ୍ପାଦନ ହୋଇପାରିଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଅଛନ୍ତି ।

## ନୂତନ ମୁଖ୍ୟ ପ୍ରଶାସକଙ୍କ ଦାୟିତ୍ୱ ଗ୍ରହଣ



ଶ୍ରୀମନ୍ଦିରର ନୂତନ ମୁଖ୍ୟ ପ୍ରଶାସକ ଭାବରେ ବରିଷ୍ଠ ଆଇ.ଏ.ଏସ୍ ଅଧିକାରୀ ଶ୍ରୀଯୁକ୍ତ ରଂଜନ କୁମାର ଦାସ ତା ୨.୫.୨୩ ରିଖ ମଙ୍ଗଳବାର ପୂର୍ବାହ୍ନରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଅଛନ୍ତି । ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟବୃନ୍ଦ, ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ମୁଖ୍ୟ ପ୍ରଶାସକଙ୍କୁ ସ୍ୱାଗତ କରିଥିଲେ ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଶ୍ରୀନୃସିଂହ ଜନ୍ମ :

ତା ୪.୫.୨୩ ରିଖ ଗୁରୁବାର ଶ୍ରୀମନ୍ଦିରରେ ଯାତ ଭୋଗ ସରିଲା ପରେ ଦିଅଁମାନେ ଚନ୍ଦନକୁ ଯାଇ ସେଠାରେ ସମସ୍ତ ନୀତି ସାରି ବାହୁଡ଼ା



ବିଜେ କରିଥିଲେ । ଦିଅଁମାନେ ଆସିବା ପରେ ଜଣେ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଏକଖଣ୍ଡ ଆଜ୍ଞାମାଳ ନେଇ ଦୋଳମଣ୍ଡପ ସାହିଦେଇ ଚକ୍ରନାରାୟଣ ମନ୍ଦିରକୁ ଯାଇଥିଲେ । ପରେ ମୈଲମ ହୋଇ ଆଳତି ବଢ଼ି ସାରିବା ପରେ ମହାସ୍ନାନ, ସର୍ବାଙ୍ଗ ହୋଇ ନୂଆଲୁଗା ଲାଗି ସହିତ ୬ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ବେଶ ବଢ଼ିଲା ପରେ ପାଣିପଡ଼ି ସଂଧ୍ୟାଧୂପ ଛେକ ଆସି ମଣୋହି ହୋଇଥିଲା । ସଂଧ୍ୟାଧୂପ ସରିଲାପରେ ଆଜ୍ଞାମାଳ ପାଇ ସିଂହାସନରୁ ମୁକ୍ତିମଣ୍ଡପକୁ ଶ୍ରୀନୃସିଂହଦେବ ବିଜେ କରିଥିଲେ । ସେଠାରେ ନୃସିଂହ ମନ୍ଦିରରେ ପତିମହାପାତ୍ର ଏବଂ ମଣ୍ଡପରେ ପୂଜାପଣ୍ଡା ଉଭୟ ନୃସିଂହଦେବଙ୍କ ଜନ୍ମନୀତି ସମାପନ କରିଥିଲେ । ବନ୍ଦାପନା ହୋଇ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ନୃସିଂହ ଦେବ ବିଜେ ହୋଇ ଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ । ସେଠାରେ ଭୋଗ, ବନ୍ଦାପନା ହୋଇ ଶ୍ରୀନୃସିଂହଦେବ ମନ୍ଦିରକୁ ଫେରିଲା ପରେ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

## ଶ୍ରୀମନ୍ଦିରରେ ଜଳକ୍ରୀଡ଼ା (ଶମ୍ଭୁ) ଏକାଦଶୀ :

ତା ୧୫.୫.୨୩ରିଖ ସୋମବାର ଭିତର ଚନ୍ଦନ ଯାତ୍ରାର ଦୈନନ୍ଦିନ ନୀତି ପ୍ରକାରେ ଯାତଭୋଗ ସରିଲା ପରେ, ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ଆଜ୍ଞାମାଳ ପାଇ ରୋହିଣୀ କୁଣ୍ଡ ନିକଟସ୍ଥ ଜଳକ୍ରୀଡା ମଣ୍ଡପକୁ ବିଜେ କରିଥିଲେ । ସେଠାରେ ଚନ୍ଦନ କୁଣ୍ଡରେ ବୁଡି, ମାଜଣା ହୋଇ ବେଶ ହେଲାପରେ ମେକାପ ସର ଘରୁ ଶୀତଳ ଭୋଗ ଆସିଥିଲା । ଭୋଗ ସରିଲାପରେ ବନ୍ଦାପନା ହୋଇ ଦିଅଁମାନେ ବାହୁଡା ବିଜେ କଲାପରେ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା । ସ୍ମରଣଯୋଗ୍ୟ ଯେ ଯେପରି ବାହାର ଚନ୍ଦନ ଯାତ୍ରା ୨୧ଦିନ ଶ୍ରୀମନ୍ଦିରରେ ଯାତ ଭୋଗ ହୋଇଥାଏ, ଭିତର ଚନ୍ଦନ ଯାତ୍ରା ୨୧ ଦିନ ମଧ୍ୟରେ କେବଳ ୪ଦିନ ଯାତଭୋଗ ଅନୁଷ୍ଠିତ ହୋଇଥାଏ । ଯଥାକ୍ରମେ- ଜଳକ୍ରୀଡା ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳ ଷଷ୍ଠୀ ଓ ରୁକ୍ମିଣୀହରଣ ଏକାଦଶୀ ଏବଂ ପ୍ରଥମ ୩ଗୋଟି ପର୍ବରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ବିଜେ ହେଉଥିବା ସ୍ଥଳେ ରୁକ୍ମିଣୀହରଣ ଏକାଦଶୀରେ ଶ୍ରୀଦୋଳଗୋବିନ୍ଦ ଜଳକ୍ରୀଡା ମଣ୍ଡପକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ସାବିତ୍ରୀ ଅମାବାସ୍ୟା ଓ ଜଳକ୍ରୀଡ଼ା :

ତା ୧୯.୫.୨୩ ରିଖ ଶୁକ୍ରବାର ଜ୍ୟେଷ୍ଠ ମାସ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ସାବିତ୍ରୀ ବ୍ରତ ପାଳିତ ହୋଇଥିଲା । ଶ୍ରୀମନ୍ଦିର ଭିତର ବେଢ଼ାରେ ଶ୍ରୀଭୁବନେଶ୍ୱରୀ ଦେବୀଙ୍କ ମନ୍ଦିର ବିଦ୍ୟମାନ । ଏହି ମନ୍ଦିରଟି 'ପାଞ୍ଚଶକ୍ତି ମନ୍ଦିର' ଭାବେ ବିଖ୍ୟାତ । ଶ୍ରୀମନ୍ଦିର ସ୍ୱତ୍ୱଲିପିର ଉଲ୍ଲେଖ ପ୍ରକାରେ ଏହା ଭୁବନେଶ୍ୱରୀ, ସରସ୍ୱତୀ, ଷଷ୍ଠୀ, ସାବିତ୍ରୀ ଓ ଗାୟତ୍ରୀଙ୍କ ମନ୍ଦିର । ଏହି ମନ୍ଦିରର ବାହାର ବେଢ଼ାର ଦକ୍ଷିଣ ପାର୍ଶ୍ୱରେ ଏକ କ୍ଷୁଦ୍ର କୋଠରୀରେ ଷଷ୍ଠୀ ଦେବୀ, ସାବିତ୍ରୀ ଦେବୀ ଓ ଗାୟତ୍ରୀ ଦେବୀ ପୂଜା ପାଉଅଛନ୍ତି । ପରମ୍ପରା ଅନୁଯାୟୀ ଏହି ଦିନ ପତିମହାପାତ୍ର ସେବକ ଦ୍ୱିପ୍ରହର ଯାଏ ଦେବୀ ସାବିତ୍ରୀଙ୍କୁ ପୂଜା କରିଥିଲେ । ତା' ପରେ ଏହି ମନ୍ଦିରର ପାଳିଆ ସେବକ ପୂଜା କରନ୍ତି । ଏହି ଦିନ ମଧ୍ୟ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର 'ଜଳକ୍ରୀଡା ଉତ୍ସବ' ପାଳିତ ହୋଇଥିଲା । ଏହି ଦିନ ଦିବା ଆଲଟ ଲାଗି ଓ ଚନ୍ଦନ ଲାଗି ବଢ଼ିବା ପରେ ବେଶ ସରି ପାଣି ପଡିବା ପରେ ଶ୍ରୀମଦନମୋହନ ଭିତରକୁ ବିଜେ କରିଥିଲେ । ପଞ୍ଚୋପଚାରର ବିଧିରେ ପୂଜା ମଣୋହି ବଢ଼ିଥିଲା । ଶ୍ରୀମଦନମୋହନ ଓ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କ ଠାରୁ 'ଆଜ୍ଞାମାଳ' ପାଇବା ପରେ ହାତରେ ବିଜେ ହୋଇ, ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ବସି ଜଳକ୍ରୀଡା ମଣ୍ଡପକୁ ଯାଇଥିଲେ । ପୂର୍ବରୁ ଜଳକ୍ରୀଡା କୁଣ୍ଡରେ ସୁବାସିତ ଜଳପୂର୍ଣ୍ଣ ହୋଇ ରହିଥିଲା । ଦେବ ଓ ଦେବୀ ପାଲିଙ୍କିରୁ ଓହ୍ଲାଇ ଜଳକୁଣ୍ଡରେ ବିଜେ କରିଥିଲେ। ଏଠାରେ ପ୍ରସାଦ ଲାଗି ବଢ଼ିଥିଲା । ଚନ୍ଦନ ପାଣି ପିଚକାରୀ ବଢ଼ିବା ପରେ ସର ଘରୁ ପଣାଭୋଗ ଓ ରାଘବଦାସ ମଠର ଶୀତଳ ଭୋଗ ଛାମୁରେ ବଢ଼ାଯିବା ପରେ 'ପଞ୍ଚୋପଚାର' ବିଧିରେ ମଣୋହି ବଢ଼ିଥିଲା । ଭୋଗ ପରେ ଠାକୁର ଠାକୁରାଣୀଙ୍କୁ ଜଳରୁ ଉଠାଇ ଶ୍ରୀଅଙ୍ଗ ପୋଛା ଯିବା ପରେ ମୈଲମ ହୋଇ ମାଳଫୁଲ ଲାଗି ଓ ବେଶ ବଢ଼ି ବନ୍ଦାପନା ହୋଇଥିଲା । ଭିତରେ ମହାପ୍ରଭୁଙ୍କ ନିକଟକୁ ଛେକ ଆସିବା ପରେ, ଜଳକ୍ରୀଡାରୁ ଫେରି ଲକ୍ଷ୍ମୀ ଠାକୁରାଣୀ ଶ୍ରୀଅଙ୍ଗ ଲାଗି ହୋଇଥିଲେ ଓ ଶ୍ରୀମଦନମୋହନ ଦକ୍ଷିଣ ଘରକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ ଓ ଜଳକ୍ରୀଡ଼ା :

ତା ୨୫.୫.୨୩ ରିଖ ଗୁରୁବାର ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ (ଶୀତଳ ଷଷ୍ଠୀ) ଉପଲକ୍ଷେ ପୂର୍ବ ପରମ୍ପରା ପ୍ରକାରେ 'ଜଳକ୍ରୀଡା'ନୀତି ସରି ମଧ୍ୟାହ୍ନ ଧୂପ, ସଂଧ୍ୟା ଆଳତି, ସଂଧ୍ୟା ଧୂପ ବଢ଼ିଲା ପରେ ଦୋଳଗୋବିନ୍ଦ ସିଂହାସନକୁ ବିଜେ କରିଥିଲେ । ମହାପ୍ରଭୁଙ୍କ ବାଡରୁ ଆଜ୍ଞାମାଳ ପାଇ ଖଟଶେଯ ଘରେ ବିଜେ ହୋଇଥିଲେ । ପରେ ଆଲଟ ଲାଗି, ଚନ୍ଦନ ଲାଗି, ବଡସିଂହାର ବେଶ, ଭୋଗ ସରି ପଞ୍ଚପାଣ୍ଡବଙ୍କ ଆଗମନକୁ ଅପେକ୍ଷା କରି ରହିଥିଲେ । ପଞ୍ଚପାଣ୍ଡବ ରଥ, ବୃଷଭ ଦ୍ୱାର ଜଗମୋହନରେ ବିଜେ ହୋଇଥିଲେ । ସେଠାରେ ଆଜ୍ଞାମାଳ ପାଇଲା ପରେ ପଞ୍ଚପାଣ୍ଡବ ଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନକୁ ବିଜେ କରିଥିଲେ । ପରେ ଦୋଳଗୋବିନ୍ଦ ଘଣ୍ଟ, ଛତା, କାହାଳୀ ପଟୁଆରରେ ସେଠାକୁ ବିଜେ ହୁଅନ୍ତେ ପାଣିପଡି ମେକାପ ସରଘରୁ ଶୀତଳଭୋଗ ଆସିଥିଲା । ଭିତରଛ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା ପଞ୍ଚୋପଚାରରେ ୧୧ଟି ପନ୍ତିଭୋଗକୁ ମଣୋହି କରାଇଥିଲେ । ଏହା ସରିଲା ପରେ ବନ୍ଦାପନା ବଢ଼ି ଦକ୍ଷିଣଘରକୁ ବାହୁଡା ବିଜେ ହୋଇଥିଲେ ।●



ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ବାହାର ବେଢ଼ା

ପୂର୍ବ ପ୍ରକାଶିତ ଉତ୍ତାରୁ ....

**୧. ଅରୁଣ ସ୍ତମ୍ଭ :** ଅବଶ୍ୟ ଏହି ସ୍ତମ୍ଭଟି ବାହାର ବେଢ଼ାରେ ନାହିଁ, ମନ୍ଦିରର ସମ୍ପୂର୍ଣ୍ଣ ବାହାର ପଟେ ଏହାର ପୂର୍ବ ଦିଗରେ ସିଂହଦ୍ୱାର ସମ୍ମୁଖରେ ଅଛି । ଏହା ଉପରେ ସୂର୍ଯ୍ୟଦେବଙ୍କ ସାରଥି ଅରୁଣଦେବ ରହିଛନ୍ତି । ପ୍ରଥମେ ଏହା କୋଣାର୍କ ମନ୍ଦିର ସମ୍ମୁଖରେ ଥିଲା । ଓଡ଼ିଶାର ମରହଟ୍ଟା ରାଜତ୍ୱ ସମୟରେ ବାବା ବ୍ରହ୍ମଚାରୀ ଏହି ସ୍ତମ୍ଭକୁ କୋଣାର୍କରୁ ଆଣି ପୁରୀରେ ସ୍ଥାପନ କରାଇଥିଲେ । ଏହାର ଉଚ୍ଚତା ୩୪ ଫୁଟ ଓ ଏହା ଖଣ୍ଡିଏ ମୁଗୁନି ପଥରରେ ନିର୍ମିତ । ଏହାର ପୀଠର କାରୁକାର୍ଯ୍ୟ ଅତି ସୁନ୍ଦର ।



**୨. ପତିତପାବନ :** ସିଂହଦ୍ୱାର ଗୁମୁଟ ମଧ୍ୟରେ ଶ୍ରୀଜଗନ୍ନାଥ ପତିତପାବନ ନାମରେ ଅବସ୍ଥାନ କରିଅଛନ୍ତି । ମନ୍ଦିର ମଧ୍ୟରେ ପ୍ରବେଶ ନ କରି ଭକ୍ତମାନେ କେବଳ ବାହାରେ ଥାଇ ପତିତପାବନଙ୍କର ଦର୍ଶନଲାଭ କରି ପାରନ୍ତି । ମୁଖ୍ୟତଃ ସମାଜର ପତିତ ଓ ବିଧର୍ମୀମାନଙ୍କ ପାଇଁ ଏହାଙ୍କୁ ଏଠାରେ ସ୍ଥାପନ କରାଯାଇଛି । କଥିତ ଅଛି ଯେ, ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କୁ ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରାଯାଇଥିଲା । କିନ୍ତୁ ସେ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଥିଲେ । ତେଣୁ ମନ୍ଦିରରେ ପ୍ରବେଶ ନ କରି ମଧ୍ୟ ସେ ପ୍ରତ୍ୟେକ ଦିନ ବାହାରୁ ପତିତପାବନଙ୍କୁ ଦର୍ଶନ କରିପାରୁଥିଲେ ।

**୩. ବିଶ୍ୱନାଥ ମନ୍ଦିର :** ଏହି ମନ୍ଦିରଟି ବାଇଶି ପାହାଚ ଉପରେ ବାମ ପାର୍ଶ୍ୱରେ ପଶ୍ଚିମ ମୁଖ ହୋଇ ଅବସ୍ଥିତ । ଲୋକମୁଖରୁ ଶୁଣାଯାଏ ଯେ କାଶୀର ବିଶ୍ୱନାଥ ଶିବ କୌଣସି ସମୟରେ କୌଣସି ଭକ୍ତର ଇଚ୍ଛାରେ ଏଠାରେ ଆବିର୍ଭୂତ ହୋଇଥିଲେ । ଭକ୍ତମାନେ ଶ୍ରୀମନ୍ଦିର ଭିତରକୁ ଅଗ୍ରସର ହେବା ପୂର୍ବରୁ ଏଠାରେ ପ୍ରଥମେ ଶିବ ଦର୍ଶନ କରିଥାନ୍ତି ।

**୪. ବାଇଶି ପାହାଚ :** ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବାକୁ ଯେଉଁ ପାହାଚ ଶ୍ରେଣୀ ରହିଛି, ତାହାକୁ ବାଇଶି ପାହାଚ କୁହାଯାଏ । ବାଇଶି ପାହାଚର ବର୍ଣ୍ଣନା ବହୁ ପ୍ରାଚୀନ ଓଡ଼ିଆ ଗ୍ରନ୍ଥରେ ଦେଖିବାକୁ ମିଳେ । ବର୍ତ୍ତମାନ ପାହାଚଗୁଡ଼ିକର ସଂଖ୍ୟା ବାଇଶି ନ ହେଲେ ମଧ୍ୟ ପ୍ରଥମେ ଏଠାରେ ବାଇଶିଟି ପାହାଚ ଥିବା ବିଶ୍ୱାସ କରାଯାଏ । ଏହି ସ୍ଥାନକୁ ଅତି ପବିତ୍ର ମନେ କରାଯାଏ । ଏହାର ଧୂଳିକୁ ଭକ୍ତମାନେ ଆନନ୍ଦରେ ମୁଣ୍ଡରେ ଲଗାନ୍ତି ଓ ନିଜର ଶିଶୁସନ୍ତାନମାନଙ୍କୁ ଏଠାରେ ଗଡ଼ାଇ ଭକ୍ତମାନଙ୍କର ପାଦଧୂଳି ଦ୍ୱାରା ସନ୍ତାନର ସମସ୍ତ କଲ୍ୟାଣ ହେଉଥିବା ବିଶ୍ୱାସ କରନ୍ତି । ଆଉ ମଧ୍ୟ ଏହି ବାଇଶି ପାହାଚରେ ପିଣ୍ଡ ଦାନ କଲେ ପିତୃ ଲୋକ ତୃପ୍ତ ହେଉଥିବା ବିଶ୍ୱାସ କରାଯାଏ ।

**୫. ରୋଷ ଘର :** ବାହାର ବେଢ଼ାର ଦକ୍ଷିଣ ପୂର୍ବ ଦିଗରେ ଶ୍ରୀମନ୍ଦିରର ରୋଷଘର ଅବସ୍ଥିତ । ଏଠାରେ ୨୪୦ ଗୋଟି ଚୁଲି ଅଛି । ପ୍ରତ୍ୟେକ ଦିନ ସୂପକାର (ସୁଆରମାନେ) ଏଠାରେ ହିଁ ଭୋଗ ରନ୍ଧନ କରି ଥାଆନ୍ତି । ଶ୍ରୀଜଗନ୍ନାଥଙ୍କର ପ୍ରତ୍ୟେକ ଭୋଗ ନୈବେଦ୍ୟ ଏହିଠାରେ ହିଁ ରନ୍ଧନ କରାଯାଏ । ପ୍ରତିଦିନ ହୋମ ହେବାପରେ ସେହି ଯଜ୍ଞାଗ୍ନି ଚୁଲିରେ ବ୍ୟବହୃତ ହୋଇଥାଏ ।

**୬. ନୀଳାଚଳ ଉପବନ :** ଏହି ବଗିଚାଟି ବାହାର ବେଢ଼ାରେ ଦକ୍ଷିଣ ପଶ୍ଚିମ ଅଞ୍ଚଳରେ ଅବସ୍ଥିତ । ଏଠାରୁ ମନ୍ଦିର ପାଇଁ ଆବଶ୍ୟକ ଫୁଲ ଓ ତୁଳସୀ ସଂଗୃହୀତ ହୋଇଥାଏ । ଏହିଠାରେ ବିଭିନ୍ନ ପ୍ରକାର ସୁଗନ୍ଧିତ ଫୁଲ ଓ ପତ୍ରର ବୃକ୍ଷ ଲଗାଯାଇଛି ।

**୭. ନୀଳାଦ୍ରି ବିହାର :** ଶ୍ରୀମନ୍ଦିରର ପଶ୍ଚିମଭାଗରେ ନୀଳାଦ୍ରି ବିହାର ଅବସ୍ଥିତ । ଏହା ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନିର୍ମିତ ଏକ ସଂଗ୍ରହାଳୟ । ଏଠାରେ ଶ୍ରୀଜଗନ୍ନାଥଙ୍କର ପ୍ରତିଷ୍ଠା ବିଷୟକ ଧାରାବାହିକ ଦୃଶ୍ୟ, ବିଭିନ୍ନ ପୌରାଣିକ ଦୃଶ୍ୟ, ଭକ୍ତ ଜୀବନ ଚରିତ ପ୍ରଭୃତି ରମଣୀୟ ମୂର୍ତ୍ତିମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥାଏ । ବର୍ତ୍ତମାନ ଏହା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲାଯାଇ ନାହିଁ ।

**୮. କୋଇଲି ବୈକୁଣ୍ଠ :** ଏହା ବାହାର ବେଢ଼ାର ଉତ୍ତର-ପଶ୍ଚିମ ଅଞ୍ଚଳରେ ରହିଛି । ଏହିଠାରେ ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କର ପିଣ୍ଡକୁ ଦାହ କରିଥିବାର କୁହାଯାଏ । ତେଣୁ ନବକଳେବର ବେଳେ ପୁରାତନ ଦାରୁବିଗ୍ରହ ମାନଙ୍କୁ ଏହିଠାରେ ସମାଧି ଦିଆଯାଏ ଓ ଏହିଠାରେ ହିଁ ନୂତନ ଦାରୁରେ ବିଗ୍ରହମାନଙ୍କର ନିର୍ମାଣ କରାଯାଏ । ଏହି ସ୍ଥାନଟି ବିଭିନ୍ନ ପ୍ରକାର ଲତା ଓ ଗୁଳ୍ମ ଦ୍ୱାରା ପରିପୂର୍ଣ୍ଣ । ତାହା ବ୍ୟତୀତ ଏଠାରେ ଏକ ପୁଷ୍ପୋଦ୍ୟାନ ମଧ୍ୟ ଅଛି ।

**୯. ଆନନ୍ଦ ବଜାର :** ଏହା ବାହାର ବେଢ଼ାର ପୂର୍ବ ଓ ଉତ୍ତର ଦିଗକୁ ବ୍ୟାପି ଅବସ୍ଥିତ । ଶ୍ରୀମନ୍ଦିରର ସମସ୍ତ ପ୍ରକାର ଅନ୍ନ ବ୍ୟଞ୍ଜନାଦି ଶଂଖୁଡ଼ି ମହାପ୍ରସାଦ, ଶୁଖିଲା ପ୍ରସାଦ ଏବଂ ଅନ୍ୟାନ୍ୟ ସାମଗ୍ରୀ ଏହିଠାରେ ବିକ୍ରୟ କରାଯାଏ । ଏଠାରେ ମହାପ୍ରସାଦ ଭୋଜନ କରିବାର ସବୁ ସୁବିଧା ଉପଲବ୍ଧ ହୁଏ ।

**୧୦. ଦେବସ୍ନାନ ମଣ୍ଡପ :** ଆନନ୍ଦ ବଜାର ନିକଟରେ ଦେବସ୍ନାନ ମଣ୍ଡପ ଅବସ୍ଥିତ । ଜ୍ୟେଷ୍ଠ ପୂର୍ଣ୍ଣମା ଦିନ ଚତୁର୍ଦ୍ଧାମୂର୍ତ୍ତି ଦାରୁ ବିଗ୍ରହମାନଙ୍କର ସ୍ନାନଯାତ୍ରା ଏହିଠାରେ ଅନୁଷ୍ଠିତ ହୁଏ । ମଣ୍ଡପ ଉପରକୁ ଯିବା ପାଇଁ ଉତ୍ତର ଓ ଦକ୍ଷିଣ ଦିଗରେ ଦୁଇଧାଡ଼ି ପାହାଚ ଅଛି । ମଣ୍ଡପର ଲମ୍ବା ଚଉଡ଼ା ୭୫ଫୁଟ । ଏହାର ସ୍ଥିତି ଦୃଷ୍ଟିରୁ ସ୍ନାନଯାତ୍ରାର ଦୃଶ୍ୟ ବଡ଼ ଦାଣ୍ଡକୁ ସ୍ପଷ୍ଟ ଦେଖାଯାଏ ।

ଶ୍ରୀମନ୍ଦିର ମଧ୍ୟସ୍ଥ ନୀଳାଚଳ ଉପବନ, କୋଇଲି ବୈକୁଣ୍ଠ ଓ ଅବସର ସମୟରେ ରୋଷ ଘରକୁ ଦେଖିବା ପାଇଁ ଟିକେଟ ଲାଗେ । ବାହାର ବେଢ଼ାରେ ଦକ୍ଷିଣପାର୍ଶ୍ୱରେ ଥିବା ଶ୍ରୀରାମଚନ୍ଦ୍ର, ଷଡ଼ଭୁଜ ଗୌରାଙ୍ଗ, ସିଂହାଚଳ ନୃସିଂହ, ବାରଭାଇ ହନୁମାନ ତଥା ବୁଢ଼ୀମା' ଠାକୁରାଣୀ, ପଶ୍ଚିମପାର୍ଶ୍ୱରେ ଚତୁର୍ଧାମ, ଚକ୍ରନାରାୟଣ ତଥା ବୀର (କାନପତା) ହନୁମାନ ଏବଂ ଉତ୍ତର ପାର୍ଶ୍ୱରେ ବୈକୁଣ୍ଠେଶ୍ୱର, ଈଶାନେଶ୍ୱର ଶିବ ତଥା ଶୀତଳା ଠାକୁରାଣୀ ଓ ମେଘନାଦ ପ୍ରାଚୀରସ୍ଥ ଦୁର୍ଗାମାଧବ ଅତ୍ୟନ୍ତ ପ୍ରସିଦ୍ଧ ।

● (କ୍ରମଶଃ...)



ତା. ୧୯.୫.୨୩ରେ ସାବିତ୍ରୀ ଅମାବାସ୍ୟା ପରିପ୍ରେକ୍ଷୀରେ ଶ୍ରୀନାରାୟଣଙ୍କ ସାଗର ବିଜେ

# ଫଟୋରେ ଖବର



ତା ୨୬.୪.୨୩ରେ ନୀଳାଦ୍ରି ଭକ୍ତନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ 'ନିଃଶୁଳ୍କ ଚକ୍ଷୁ ମଧୁମେହ ପରୀକ୍ଷା' ଶିବିର



ତା ୨୯.୪.୨୩ରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ହେମନ୍ତ ସୋରେନ୍ ସସ୍ତ୍ରୀକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ ଏବଂ ଶ୍ରୀମନ୍ଦିର ସ୍ୱତନ୍ତ୍ର ଅଧିକାରୀ ଶ୍ରୀଯୁକ୍ତ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୨.୫.୨୩ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ପୂର୍ବତନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବୀର ବିକ୍ରମ ଯାଦବଙ୍କ ବିଦାୟକାଳୀନ ଅବସରରେ ଉପସ୍ଥିତ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା, ପ୍ରଶାସକ, ଅଧିକାରୀ ଏବଂ କାର୍ଯ୍ୟାଳୟର କର୍ମଚାରୀବୃନ୍ଦ



ତା ୨.୫.୨୩ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ନୂତନ ପ୍ରଥମ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ପ୍ରଶାସନର ଅଧିକାରୀମାନଙ୍କ ଉପସ୍ଥିତରେ 'ଦାୟିତ୍ୱ ଗ୍ରହଣ' କରୁଅଛନ୍ତି



ତା ୨.୫.୨୩ରେ ଦାୟିତ୍ୱ ଗ୍ରହଣ ପରେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟବୃନ୍ଦ, ସେବକ ଏବଂ ଅଧିକାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ନୂତନ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କୁ ସ୍ୱାଗତ କରୁଅଛନ୍ତି



ତା ୨.୫.୨୩ରେ ନୂତନ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ଦାୟିତ୍ୱ ଗ୍ରହଣ ପରେ ପରିଚାଳନା କମିଟି ସଦସ୍ୟ ଏବଂ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି

# ଫଟୋରେ ଖବର...



ତା ୩.୫.୨୩ରେ ରଥଖଳା ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମହାରଣା ସେବକଙ୍କ ସହ ଆଲୋଚନା କରୁଅଛନ୍ତି



ତା ୫.୫.୨୩ରେ ଉଚ୍ଚତମ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ଡି. ୱାଇ. ଚନ୍ଦ୍ରଚୂଡ଼ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଗହଣରେ ଶ୍ରୀମନ୍ଦିରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୧୨.୫.୨୩ରେ ଚନ୍ଦନ ଚକଡ଼ା ଠାରେ ଭଉଁରୀ ଅବସରରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା କଳାକାରମାନଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ 'ମାନପତ୍ର ପ୍ରଦାନ' ପୂର୍ବକ ସମ୍ମାନିତ କରୁଅଛନ୍ତି



ତା ୧୪.୫.୨୩ରେ ଉଚ୍ଚତମ ନ୍ୟାୟାଳୟର ବିଚାରପତି ଶ୍ରୀଯୁକ୍ତ ସୂର୍ଯ୍ୟକାନ୍ତ ସସ୍ତ୍ରୀକ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତି ଶ୍ରୀଯୁକ୍ତ ଭି.ଆର.ଷଡ଼ଙ୍ଗୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୧୫.୫.୨୩ରେ ଗ୍ରାମୀଣ ବିକାଶ ଓ ପଞ୍ଚାୟତରାଜ ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟିର ସଦସ୍ୟମାନେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି




ତା. ୨୦.୫.୨୩ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ ।

## (୮) ଅତିରିକ୍ତ
### (ଭାଗ-୫-ସଂଖ୍ୟା ୨୯ - ତା ୧୬ ରିଖ, ଜୁଲାଇ)

ଏଥିପୂର୍ବ ସ୍ନାନଯାତ୍ରା ବିଷୟ ଲେଖିଅଛୁଁ ଓ ସେହିଦିନ ଉତ୍ତମ ରୂପେ କର୍ମ ନିର୍ବାହ ନ ହୋଇଥିବା ପ୍ରଯୁକ୍ତ ଶ୍ରୀଯୁକ୍ତ ଆରମଷ୍ଟ୍ରଂ ସାହେବ ରାଜାଙ୍କ ଉପେର ଟ୧୦ଙ୍କା ଜରିମାନା କରି କହିଲେ ଯେ ଯଦି ଏହିପରି ଅସାବଧାନତା ଜଗନ୍ନାଥଙ୍କର ନିତ୍ୟାନୀଧୂପନରେ କିମ୍ବା ରଥରେ କିମ୍ବା ଅନ୍ୟାନ୍ୟ ବିଷୟରେ ଦେଖାଯାଏ ତେବେ ପ୍ରତ୍ୟେକ ଦୋଷ ସକାଶେ ଆମ୍ଭେ ରାଜାଙ୍କୁ ଟ୧୦୦୦ଙ୍କାରୁ କମ ଜରିମାନା କରିବୁ ନାହିଁ ଓ ପ୍ରତ୍ୟହ ଯେତେବେଳେ ଯେଉଁ ନୀତି ଶେଷ ହେବ କିମ୍ବା ଯେଉଁ କର୍ମ ସମାପନ ହେବ ତହିଁର ଏତଲା ଆମ୍ଭଠାରେ ଦେବ ଏହିପରି ହୁକୁମ ଦେଇ ଦିପୋଟୀ କେଦାରବାବୁ ଓ ଅପରାପରଙ୍କୁ ଅନୁସନ୍ଧାନ ନେବା ସକାଶେ କହିଦେଲେ । ପ୍ରତ୍ୟହ ଉପଯୁକ୍ତ ସମୟରେ ନୀତି ବଢ଼ିବାର ଯାତ୍ରିମାନେ ଓ ଅପରସାଧାରଣମାନେ ଅନାୟାସରେ ପ୍ରସାଦ ପାଇ ଅକ୍ଳେଶରେ ଆହାର କଲେ । ନବଯୌବନ ଦିନ ରାତ୍ର ଏକଘଣ୍ଟା ସମୟରେ ଦର୍ଶନ ସକାଶେ କବାଟ ଫିଟିବାର ହୁକୁମ ଦେଇ ଦିପୋଟୀ ବାବୁ କେଦାରନାଥ ଦତ୍ତ ଓ ନନ୍ଦକିଶୋର ଦାସ ଓ କଚେରୀର ଅମଲାମାନେ ଓ ପୁଲିସ ଏମାନଙ୍କୁ ନାନାଦି ସ୍ଥାନରେ ଦେଉଳ ମଧ୍ୟରେ ରହି ଅକ୍ଳେଶରେ ଯାତ୍ରୀମାନଙ୍କୁ



ଦର୍ଶନ କରାଇବା ସକାଶେ ନିଯୁକ୍ତ କରିଥିଲେ । ସମସ୍ତେ ଉପସ୍ଥିତ ହୋଇ ଏକଘଣ୍ଟା ସମୟରେ ଦୁଆର ଫିଟାଇ ଉକ୍ତ ସମୟଠାରୁ ପରଦିନ ଦିବା ଘ୯ଣ୍ଟା ପର୍ଯ୍ୟନ୍ତ ପ୍ରାୟ ଏକଲକ୍ଷ ଲୋକଙ୍କୁ ଅକ୍ଳେଶରେ ଦର୍ଶନ କରାଇଲେ । ଏଦିନ ପୁଲିସର କିଛି ଅତ୍ୟାଚାର ଦେଖାଯାଇ ନାହିଁ ଯେହେତୁ ହାକିମମାନେ ଓ ସରକାରୀ ଅମଲାମାନେ ଉପସ୍ଥିତ ଥିବାରୁ ସେମାନଙ୍କର ସାହସ ହେଲା ନାହିଁ । ଗୁଣ୍ଡିଚାଦିନ ଦିବା ଅପରାହ୍ନ ଠିକ୍ ଘ୬ଣ୍ଟା ସମୟରେ ତିନିଠାକୁରଯାକ ରଥ ଉପରେ ପହଣ୍ଡି ବିଜେ କରି ବସିଲେ ଓ ଦର୍ଶନାକାଂକ୍ଷୀ ପ୍ରାୟ ଅଶୀ ନବେ ହଜାର ଲୋକ ଉପସ୍ଥିତ ଥିଲେ । ଏଥିମଧ୍ୟରୁ ଷାଠିଏ ସତୁରୀ ହଜାର ପ୍ରାୟ ବଙ୍ଗଦେଶୀ ଯାତ୍ରୀ ହେବେ । ମାତ୍ର ଏ ସମସ୍ତ ଯାତ୍ରୀ ନିରାପଦରେ ଓ ଅଧିକ ନୋକ୍ଶାନ ବିନା ଦର୍ଶନ କରି ପୁରୀ ନଗରର ପ୍ରତ୍ୟାଗମନ କରିଅଛନ୍ତି । ମହାପ୍ରଭୁ ରଥରେ ବସିବାପରେ ଡାକ୍ତର ସାହେବ, କିଲଟର ସାହେବ, ପୁଲିସ ସାହେବ ଓ ଅଶିଷ୍ଟାଣ୍ଟ ସାହେବ ଏ ଚାରି ସାହେବ ଲୋକାରଣ୍ୟ ମଧ୍ୟରେ ଘୋଡ଼ା ଚଢ଼ି ଆସି ପ୍ରବେଶ ହୋଇ ମହାପ୍ରଭୁଙ୍କୁ ଓ ଯାତ୍ରୀମାନଙ୍କର ଆନନ୍ଦୋତ୍ସବ ଦେଖି ଫେରିଗଲେ । ଗୁରୁବାର ଦିନ ଗୁଣ୍ଡିଚା ହେଲା ଓ ପରେ ଶୁକ୍ର, ଶନି, ରବି ଏହି ତିନିଦିନ ମଧ୍ୟରେ ସାହେବଙ୍କର ତନ୍ନିହେତୁରୁ ରଥଟଣା ହୋଇ ମହାପ୍ରଭୁ ରବିବାର ଦିନ ରାତ୍ର ଦୁଇଟା ସମୟରେ ପହଣ୍ଡିବିଜେ କରି ଗୁଣ୍ଡିଚାମନ୍ଦିରରେ ପ୍ରବେଶ କରିଅଛନ୍ତି । ଏ ବିଷୟରେ ଏଠାର ଭଦ୍ର ଓ ଅପର ସାଧାରଣ ଲୋକମାନେ ଆରମଷ୍ଟ୍ରଂ ସାହେବଙ୍କର ପ୍ରଶଂସା କରୁଅଛନ୍ତି ଓ କହନ୍ତି ଯେ ପ୍ରାୟ ବ୧୫ର୍ଷ ହେଲା ଏପରି ନୀତି ଓ ଦର୍ଶନ ଓ ରଥ ଶୀଘ୍ର ଟଣା ହେବାର ଦେଖା ନଥିଲା ଓ ଏସନ ଆରମଷ୍ଟ୍ରଂ ସାହେବ ଆସିବାର ୧୫/୨୦ ବରଷ ଗତ ବିଷୟ ଯାହାକି ଓଲକିସନ ସାହେବ ଓ ବାବୁ ନୀଳମଣି ବ୍ରହ୍ମ ଡେପୁଟୀ କଲେକ୍ଟରଙ୍କ ସମୟରେ ପ୍ରଚାର ଥିଲା ତାହା ପୁନରଥାପନ ହେଲା । ଯଦ୍ୟପି କି ଏଠାର ସମସ୍ତ ଲୋକ ଗିଡ଼ିସ ସାହେବଙ୍କ ବଦଳିରେ ନିତାନ୍ତ ଦୁଃଖ ପ୍ରକାଶ କରି ତାହାଙ୍କର ପ୍ରତ୍ୟାଗମନ ସକାଶେ ଗଭର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରିଥିଲେ ମାତ୍ର ସେମାନେ ବର୍ତ୍ତମାନ ଚାହାନ୍ତି ଯେ ଗିଡ଼ିସ ସାହେବ ନ ଆସି ଯଦି ଏହି ସାହେବ କିଛିଦିନ ଥାନ୍ତି ତେବେ ତାଙ୍କ ଦେଶର ଅନେକ ମଙ୍ଗଳ ହେବ । ଉପର୍ଯ୍ୟୁକ୍ତ ବିଷୟମାନଙ୍କର ଆମ୍ଭେମାନେ ଏଠାର କଲେକ୍ଟରିର ସିରସ୍ତାବାର ବାବୁ ରାମପ୍ରସାଦ ସିଂହଙ୍କୁ ଧନ୍ୟବାଦ ନଦେଇ କ୍ଷାନ୍ତ ରହି ନ ପାଇଁ ହେହେତୁ ସେ ଅନେକ ଯତ୍ନ କରି ସାହେବଙ୍କୁ ସମସ୍ତ ବିଷୟ ଜଣାଇ ଓ କିପରି କି ହେବ ତାହା କହି ଉକ୍ତ କର୍ମ ସମାପନରେ ଯତ୍ପରୋନାସ୍ତି କ୍ଲେଶ ସ୍ୱୀକାର କରିଅଛନ୍ତି । ଆମ୍ଭେମାନେ ଜିଲ୍ଲାର ମାଜିଷ୍ଟ୍ରେଟ ଓ ଓଡ଼ିଶା ପ୍ରଦେଶର କମିଶନର ସାହେବଙ୍କୁ ଏହି ପ୍ରାର୍ଥନା କରୁଁ ଯେ ସେମାନେ ଯଦି ଦେଉଳର ତତ୍ତ୍ୱାବଧାରଣ କର୍ମରେ ବାବୁ ରାମପ୍ରସାଦ ସିଂହଙ୍କୁ ସରକାର ତରଫରୁ ନିଯୁକ୍ତ କରନ୍ତି ଓ ରାଜାଙ୍କ ସାବକ ଚାକରମାନଙ୍କ ମଧ୍ୟରୁ ଖାରଜ ଦାଖଲ କରି ନୂତନ ଲୋକ ରଖାନ୍ତି ତେବେ ସମସ୍ତ କର୍ମ ସୁଚାର ରୂପେ ନିର୍ବାହ ହେବ ସନ୍ଦେହ ନାହିଁ । କି ଆଶ୍ଚର୍ଯ୍ୟ ପୁରୀ ସହର ଲୋକମାନେ ତାଙ୍କ ମଧ୍ୟର ତ୍ରକେହି କୌଣସି ଦୁଷ୍କର୍ମର ଦଣ୍ଡ ପାଇବାର ଦେଖି ସୁଦ୍ଧା ସେଥିରେ କ୍ଷାନ୍ତ ରହନ୍ତି ନାହିଁ । ଖୋରଧା କାନଗୋଇ ଭାଇ କୌଣସି ସ୍ତ୍ରୀଲୋକ ଯାତ୍ରିର କୁଚମର୍ଦ୍ଦନ କରି ଦେବାର ତାକୁ ଦୁଇମାସ ମିଆଦ ହୋଇଅଛି । ଏକବ୍ୟକ୍ତି ରଥ ଉପରେ ଏକ ପଶ୍ଚିମା ସ୍ତ୍ରୀଲୋକର କାନରୁ ଅଳଙ୍କାର ଦିବସରେ ଛିଣ୍ଡାଇ ନେଉଥିବାରୁ ଧରାପଡ଼ି ଏକମାସ କଏଦ ହୋଇଅଛି । ଏହିପରି ଅନେକ-



## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପାରାୟଣ ଓ ପ୍ରବଚନ ବିଧି :
#### ପାଞ୍ଚରାତ୍ର ପ୍ରସଙ୍ଗ ସୂଚନା :

## ଚତୁର୍ଥ ଦିବସ

### ପାରାୟଣ
### ନୀଳାଦ୍ରି ମହୋଦୟ ଓ ଇନ୍ଦ୍ରଦ୍ୟୁମ୍ନଙ୍କ ବର ଲାଭ

| ଅଧ୍ୟାୟ | ବିଷୟ | ଶ୍ଳୋକ ସଂଖ୍ୟା |
|---|---|---|
| ୨୭. | ବ୍ରହ୍ମାଙ୍କ ଆଗମନ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ସିଂହାସନ ବିଜୟ | ୧୦୩ |
| ୨୮. | ଶ୍ରୀଜଗନ୍ନାଥଙ୍କର ନୃସିଂହ ରୂପ ପ୍ରକାଶ | ୫୬ |
| ୨୯. | ଦାରୁବ୍ରହ୍ମଙ୍କ ଠାରୁ ଇନ୍ଦ୍ରଦ୍ୟୁମ୍ନଙ୍କ ବର ଲାଭ | ୬୩ |
| ୩୦. | ପଞ୍ଚତୀର୍ଥ ମାହାତ୍ମ୍ୟ | ୧୭୨ |
| ୩୧. | ସ୍ନାନ ଯାତ୍ରା ବିଧି | ୯୮ |
| ୩୨. | ମଞ୍ଚ ସ୍ନାନ | ୭୪ |
| ୩୩. | ଗୁଣ୍ଡିଚା ଯାତ୍ରା | ୧୧୫ |
| ୩୪. | ମହାବେଦୀ ମହୋତ୍ସବ | ୪୮ |
| ୩୫. | ବାହୁଡ଼ା ଯାତ୍ରା | ୨୬ |
| ୩୬. | ଦେବଶୟନ ଉତ୍ସବ | ୬୧ |
| ୩୭. | ଦକ୍ଷିଣାୟନ ସଂକ୍ରାନ୍ତି ଏବଂ ଶ୍ୱେତରାଜା ଚରିତ | ୬୦ |
| ୩୮. | ମହାପ୍ରସାଦ ମହିମା | ୧୩୫ |
| | | ମୋଟ ୧୦୧୧ ଶ୍ଳୋକ |

### ପ୍ରବଚନ

ମୁଖ୍ୟ ପ୍ରସଙ୍ଗ : ନୀଳାଦ୍ରି ମହୋଦୟ, ପ୍ରଭୁଙ୍କ ନୃସିଂହମୂର୍ତ୍ତି ଧାରଣ, ଇନ୍ଦ୍ରଦ୍ୟୁମ୍ନଙ୍କ ସହ ପ୍ରଭୁଙ୍କ କଥୋପକଥନ ଓ ବରଲାଭ-ଯାତ୍ରାବିଧାନ ।



ତା. ୧୨.୫.୨୩ରେ ଭଉଁରୀ ଦିନ ଚକଅଖ ଲାଗି ଅବସରରେ 'ଆଜ୍ଞାମାଳ'କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସ ପ୍ରଣାମ ପୂର୍ବକ କୃପାଭିକ୍ଷା କରୁଅଛନ୍ତି

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୩) ଶ୍ରୀଦେବୀ ଓ ଭୂଦେବୀ

**ରୁକ୍ମିଣୀ ପରିଣୟୋତ୍ସବ–** ଶ୍ରୀମନ୍ଦିରରେ ମହାଆଡ଼ମ୍ବରରେ ପାଳିତ ହେଉଥିବା ଉତ୍ସବମାନଙ୍କ ମଧ୍ୟରେ ରୁକ୍ମିଣୀ ପରିଣୟୋତ୍ସବ ଅନ୍ୟତମ । ଏହି ଉତ୍ସବରେ ବିଜେ ପ୍ରତିମା ଶ୍ରୀଦେବୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି । ମହାପ୍ରଭୁ ଦ୍ୱାପରଯୁଗରେ ଦ୍ୱାରକାରେ ଶ୍ରୀକୃଷ୍ଣ ରୂପରେ ଅବସ୍ଥାନ କରୁଥିବା ସମୟରେ ଅନୁପମ ବୀରତ୍ୱ ପ୍ରଦର୍ଶନ କରି ରାଜକନ୍ୟା ରୁକ୍ମିଣୀଙ୍କୁ ହରଣପୂର୍ବକ ବିବାହ କରିଥିଲେ । ତାଙ୍କର ଏହି ଦ୍ୱାପରଯୁଗୀୟ ଆକର୍ଷଣୀୟ ଲୀଳା ଏବେ ମଧ୍ୟ ଶ୍ରୀମନ୍ଦିରରେ ମହାଡ଼ମ୍ବରପୂର୍ଣ୍ଣ ଭାବରେ ଅନୁଷ୍ଠିତ ହେଉଅଛି । ବିଦର୍ଭ ଦେଶର ରାଜା ଥିଲେ ଭୀଷ୍ମକ । ତାଙ୍କର ପାଞ୍ଚଟି ପୁତ୍ର ଓ ଗୋଟିଏ କନ୍ୟା ଥିଲେ । ପରମା ସୁନ୍ଦରୀ ସୁଲକ୍ଷଣା କନ୍ୟାର ନାମ ଥିଲା ରୁକ୍ମିଣୀ । ଶ୍ରୀକୃଷ୍ଣଙ୍କ ରୂପ, ଗୁଣ ଓ ଐଶ୍ୱର୍ଯ୍ୟାଦି ସମ୍ବନ୍ଧରେ ଶ୍ରବଣ କରି ରୁକ୍ମିଣୀ ତାଙ୍କୁ ମନେ ମନେ ପତି ରୂପେ ବରଣ କରିଥିଲେ । ଶ୍ରୀକୃଷ୍ଣ ମଧ୍ୟ ରୁକ୍ମିଣୀଙ୍କର ସୌନ୍ଦର୍ଯ୍ୟ ଓ ଗୁଣଗଣ ଶ୍ରବଣ କରି ତାଙ୍କୁ ପତ୍ନୀ ରୂପେ ଗ୍ରହଣ କରିବାକୁ ଇଚ୍ଛା କରୁଥିଲେ । କିନ୍ତୁ ରୁକ୍ମିଣୀଙ୍କ ବଡ଼ଭାଇ ରୁକ୍ମୀଙ୍କର ଶ୍ରୀକୃଷ୍ଣଙ୍କ ଠାରେ ବିଦ୍ୱେଷ ଭାବ ଥିବାରୁ ସେ ରୁକ୍ମିଣୀଙ୍କ ବିବାହ ଶିଶୁପାଳଙ୍କ ସହ କରିବାକୁ ଇଚ୍ଛୁକ ଥିଲେ । ଇଚ୍ଛା ନଥିଲେ ମଧ୍ୟ ରାଜା ଭୀଷ୍ମକ ପୁତ୍ରର ପ୍ରସ୍ତାବରେ ରାଜି ହୋଇ ଶିଶୁପାଳଙ୍କ ସହିତ ରୁକ୍ମିଣୀଙ୍କର ବିବାହ ସମ୍ପନ୍ନ କରିବାକୁ ଆୟୋଜନ କଲେ । ଏହି କଥା ଶୁଣି ରୁକ୍ମିଣୀ ଦୁଃଖରେ ଭାଙ୍ଗି ପଡ଼ିଲେ । ବହୁ ବିଚାର କରି ସେ ଜଣେ ବିଶ୍ୱସ୍ତ ବ୍ରାହ୍ମଣଙ୍କ ହାତରେ ଗୋଟିଏ ଚିଠି ଦେଇ ଦ୍ୱାରକାକୁ ପଠାଇଲେ । ସେହି ବ୍ରାହ୍ମଣ ଦ୍ୱାରକାରେ ପହଞ୍ଚି ଶ୍ରୀକୃଷ୍ଣଙ୍କ ନିକଟରେ ଉକ୍ତ ପ୍ରସଙ୍ଗ ବର୍ଣ୍ଣନା କରିବା ସହିତ ରୁକ୍ମିଣୀଙ୍କ ସ୍ୱହସ୍ତ ଲିଖିତ ପତ୍ର ଦେଖାଇଲେ । ଶ୍ରୀକୃଷ୍ଣଙ୍କ ପରାମର୍ଶ କ୍ରମେ ବ୍ରାହ୍ମଣ ପତ୍ର ପାଠ କରି ସମସ୍ତ ବିଷୟ ବର୍ଣ୍ଣନା କଲେ । ପତ୍ରପାଠ ପରେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ବିବାହ କରିବାକୁ ସଂକଳ୍ପ କରି ସଂଗେ ସଂଗେ ସେହି ବ୍ରାହ୍ମଣଙ୍କ ସହିତ ଗୋଟିଏ ବେଗଗାମୀ ରଥରେ ବସି କୁଣ୍ଡିନ ନଗରରେ ପହଞ୍ଚିଗଲେ । କୁଣ୍ଡିନ ନଗରୀରେ ପହଞ୍ଚିବା ମାତ୍ରେ ବ୍ରାହ୍ମଣ ଅନ୍ତଃପୁରକୁ ଯାଇ ଶ୍ରୀକୃଷ୍ଣ ଆସିଥିବା ବିଷୟ ରୁକ୍ମିଣୀଙ୍କୁ ଜଣାଇଲେ । ରୁକ୍ମିଣୀଙ୍କର ସମସ୍ତ ଭୟ ଓ ବ୍ୟାକୁଳତା ଦୂରୀଭୂତ ହେଲା । ସେ ବ୍ରାହ୍ମଣଙ୍କୁ ପ୍ରଣାମ ଜଣାଇ ବିଦାୟ ଦେଲେ । ଯେତେବେଳେ ବଳରାମ ଶୁଣିଲେ ଯେ ଶ୍ରୀକୃଷ୍ଣ ଏକାକୀ କୁଣ୍ଡିନପୁରୀକୁ ଯାଇଛନ୍ତି, ସେତେବେଳେ ସେ ଯୁଦ୍ଧ ଆଶଙ୍କା କରି ସାଙ୍ଗରେ ଚତୁରଙ୍ଗିଣୀ ସେନା ଆଣି କୁଣ୍ଡିନପୁରୀରେ ପହଞ୍ଚିଗଲେ । ତାହା ପରଦିନ ରୁକ୍ମିଣୀ ରାଜପରିବାରର ମହିଳା ଓ ଦାସଦାସୀଙ୍କ ଗହଣରେ ଅମ୍ବିକା ମନ୍ଦିରକୁ ପୂଜା କରିବାକୁ ଗଲେ । ପୂଜାସାରି ଫେରିବା ସମୟରେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ଅପହରଣ କରି ରଥରେ ବସାଇ ଦ୍ୱାରକା ଅଭିମୁଖେ ଯାତ୍ରାକଲେ ।ବାଟରେ ଶ୍ରୀକୃଷ୍ଣ ଓ ରୁକ୍ମୀଙ୍କ ମଧ୍ୟରେ ଯୁଦ୍ଧ ହେଲା । ରୁକ୍ମୀଙ୍କୁ ପରାସ୍ତ କରି ଶ୍ରୀକୃଷ୍ଣ ତାଙ୍କୁ ରଥରେ ବାନ୍ଧି ଦେଲେ । ଏହି ସମୟରେ ଯଦୁବଂଶୀ ବୀରମାନଙ୍କ ସହିତ ବଳରାମ ସେଠାରେ ଆସି ପହଞ୍ଚିଲେ ଓ ଶ୍ରୀକୃଷ୍ଣ କରିଥିବା କର୍ମ ଯୋଗୁଁ ଦୁଃଖ ପ୍ରକାଶ କଲେ । ବଳରାମ ରୁକ୍ମୀଙ୍କୁ ବନ୍ଧନ ମୁକ୍ତ କଲେ । ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ସଂଗରେ ଧରି ଯଦୁବଂଶୀୟମାନଙ୍କ ଗହଣରେ ଦ୍ୱାରକାରେ ପ୍ରବେଶ କଲେ । ସେଠାରେ ବିଧିପୂର୍ବକ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କ ବିବାହକର୍ମ ସମ୍ପନ୍ନ ହେଲା । ଏହି ସ୍ମୃତିରେ ଶ୍ରୀମନ୍ଦିରରେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ରୁକ୍ମିଣୀ ହରଣ ଲୀଳା ପାରମ୍ପରିକ ବିଧି ଅନୁଯାୟୀ ପାଳିତ ହୋଇଥାଏ । ଏହି ଦିନ ସକାଳଧୂପ ପୂଜା ବସିବାବେଳେ ଦକ୍ଷିଣ ଘରେ ଶ୍ରୀମଦନମୋହନଙ୍କର ବେଶ ଆରମ୍ଭ ହୁଏ । ସକାଳଧୂପ ବଢ଼ିବା ପରେ ଶ୍ରୀଦେବୀ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ମହାଜନଙ୍କ ହାତରେ ବିଜେ ହୋଇ ସାତ ପାହାଚଠାରେ ଥିବା ପାଲିଙ୍କିରେ ବସି ଲକ୍ଷ୍ମୀ ମନ୍ଦିରର ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରନ୍ତି । ସେଠାରେ ପଞ୍ଚାମୃତରେ ମହାସ୍ନାନ ବଢ଼ି ମାଜଣା ଓ ବନକଲାଗି ସରି ଅଳଂକାର ଲାଗି ଓ ବେଶ ହୁଅନ୍ତି । ଏହି ସମୟରେ ତଢ଼ାଉ ପଟ୍ଟନାୟକ ମହାଲକ୍ଷ୍ମୀଙ୍କ ବିଶ୍ୱସ୍ତ ରୂପେ ତାଳପତ୍ର ଓ ଲେଖନ ନେଇ ଉପସ୍ଥିତ ହୁଅନ୍ତି । ଭିତରଛ ମହାପାତ୍ର ଶ୍ରୀହସ୍ତ ଛୁଆଁ କରାଇ ତଢ଼ାଉକରଣଙ୍କୁ ଦିଅନ୍ତି । ତଢ଼ାଉକରଣ ଠିଆହୋଇ ରୁକ୍ମିଣୀଙ୍କ ମନୋଭାବ ତାଳପତ୍ର ଚିଟାଉରେ ଲେଖନ୍ତି । ତାପରେ ଭିତରଛ ମହାପାତ୍ର ଚିଟାଉ ନେଇ ଚନ୍ଦନରେ ଶ୍ରୀଦେବୀଙ୍କ ଶ୍ରୀହସ୍ତ ମୁଦ କରାଇବା ପରେ ବିପ୍ର ଭାବରେ ଜଣେକ ସେବକ ଚିଟାଉ ନେଇ ଘଣ୍ଟ, ଛତା, କାହାଳୀ ସହିତ ଜୟ ବିଜୟ ଦ୍ୱାର ନିକଟକୁ ଯାଇଥାଆନ୍ତି । ପୂର୍ବରୁ ଭୋଗ ମଣ୍ଡପ ଶେଷ ହେବା ପରେ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ଶ୍ରୀମଦନମୋହନ ଜୟବିଜୟ ଦ୍ୱାରଠାରେ ବିଜେ କରିଥାଆନ୍ତି । ସେଠାରେ ପୁରାଣ ପଣ୍ଡା, ପୂଜାପଣ୍ଡା ଓ ପାଳିଆ ଖୁଣ୍ଟିଆ ଥାଇ ବଚନିକା ହୋଇଥାଏ । ଏହାପରେ ମଦନମୋହନ ସାତପାହାଚ ତଳେ ରଖାଯାଇଥିବା ରଥରେ ବିରାଜମନା କରି ବିମଳାଙ୍କ ମନ୍ଦିର ନିକଟକୁ ଯାଇଥାଆନ୍ତି । ଏହାପରେ ମହାଲକ୍ଷ୍ମୀଙ୍କ ମନ୍ଦିରରୁ ଶ୍ରୀଦେବୀ, ମା' ବିମଳାଙ୍କ ମନ୍ଦିରକୁ ଗମନ କରିଥାଆନ୍ତି । ଏଠାରେ ମା' ବିମଳାଙ୍କ ପୂଜା ଶେଷ ହେବାପରେ ତାଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ସେହି ମନ୍ଦିରରୁ ବାହାରକୁ ଆସିବା ସମୟରେ ଶ୍ରୀମଦନମୋହନ ଶ୍ରୀଦେବୀଙ୍କୁ ହରଣ କରିଥାଆନ୍ତି । ଏହି ବିଧିଟି ଭିତରଛ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ଏହାପରେ ଦେବୀ ସରସ୍ୱତୀଙ୍କ ଦେଉଳ ଆଗରେ ଶିଶୁପାଳ ସହ ଯୁଦ୍ଧ ହୁଏ । ଠାକୁର ଶିଶୁପାଳକୁ ପରାସ୍ତ କରି ରଥରେ ବାନ୍ଧି ଦିଅନ୍ତି । ଏହାପରେ ଦକ୍ଷିଣିଘରୁ ଶ୍ରୀବଳଦେବ ବିମାନରେ ବିଜେ ହୋଇ ଆସି ଶିଶୁପାଳକୁ ବନ୍ଧନରୁ ମୁକ୍ତ କରାଇ ପୁନଶ୍ଚ ଦକ୍ଷିଣ ଘରକୁ ବାହୁଡ଼ି ଯାଆନ୍ତି । ଶ୍ରୀଦେବୀ ଓ ଶ୍ରୀମଦନମୋହନ ବାଟରେ ପନ୍ତିଭୋଗମାନ ମଣୋହି କରି ବିବାହ ନିମନ୍ତେ ବିବାହ ମଣ୍ଡପରେ ବିଜେ ହୁଅନ୍ତି । ଭିତରେ ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ବିବାହ ମଣ୍ଡପରେ ଠାକୁର ଠାକୁରାଣୀଙ୍କ ବିବାହ ନୀତି ସମ୍ପନ୍ନ ହୋଇଥାଏ ।



(କ୍ରମଶଃ...)

*ଡକ୍ଟର ନରେଶ ଚନ୍ଦ୍ର ଦାଶ*

● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଚୂନା ମୁଣ୍ଡି' କହିଲେ କ'ଣ ବୁଝାଯାଏ ?

ଉ - ଚୂନାକୁଟା ପାଇଁ କ୍ଷୁଦ୍ର ମଣ୍ଡପ । ଶ୍ରୀମନ୍ଦିର ରୋଷ ପରିସରରେ ଗୋଟିଏ ଓ ଗୁଣ୍ଡିଚା ଘର ରୋଷ ଘରେ ଅନ୍ୟଟି ଚୂନା କୁଟା ପାଇଁ ଜାଗା ରହିଛି । ଚୂନା କୁଟିବା ଲୋକ ମୁହଁରେ ବାଘମୁହାଁ ବାନ୍ଧିଥାଏ ଓ ପାଦରେ କନା ବାନ୍ଧିଥାଏ । ଏଠାରେ ଢ଼ିଙ୍କିରେ ବତୁରା ଚାଉଳ ମଧ୍ୟ କୁଟାଯାଏ ।

୨. ପ୍ର - ଶ୍ରୀମନ୍ଦିରର ଶ୍ରୀବିଗ୍ରହମାନଙ୍କ 'ଚୂଳଲାଗି'ର ଅର୍ଥ କ'ଣ ?

ଉ - ଶ୍ରୀଜଗନ୍ନାଥଙ୍କ ମସ୍ତକରେ ଲାଗି ହେଉଥିବା ତୁଳସୀ ଦ୍ୱାରା ପ୍ରସ୍ତୁତ ଟୋପି । ବସ୍ତ୍ର ଦ୍ୱାରା ନିର୍ମିତ ଚୂଳ । ଏହା ରଥଯାତ୍ରା ବେଳେ ସେନାପଟା ଲାଗି ପରେ ଲାଗି ହୁଅନ୍ତି । ଚାଙ୍ଗଡ଼ା ଘରୁ ଏହି ଚୂଳ ଯୋଗାଇ ଦିଆଯାଇଥାଏ ।

୩. ପ୍ର - ଶ୍ରୀମନ୍ଦିରରେ 'ଚୁହାଣ' କହିଲେ କ'ଣ ବୁଝାଯାଏ ?

ଉ - ଶ୍ରୀମନ୍ଦିରର ସକଳ କୋଠୀର ଧାନ କାଢ଼ି କୁଟି ପାଛୁଡ଼ି ଚୂନା ସମର୍ଥାଙ୍କୁ ଯୋଗାନ୍ତି । ଧାନ ଦେବା ନେବାର ହିସାବ ରଖନ୍ତି । ଏବେ ଏପରି ନାମଧାରୀ ସେବକ ନାହାନ୍ତି । ଏ ସମ୍ଭବତଃ ଖମାର କରଣ ସେବା କରୁଥିଲେ ।

୪. ପ୍ର- ଶ୍ରୀମନ୍ଦିରରେ 'ଚେମେଢ଼ି' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ- ଶ୍ରୀବିଗ୍ରହମାନଙ୍କ ଲାଗି ପତଳା ସୂତାର ନାଲିକନାଯୁକ୍ତ ବସ୍ତ୍ର ବା କରିଆ ।

୫. ପ୍ର- ଶ୍ରୀମନ୍ଦିରରେ 'ଚେମେଣି ଦୁଆର' କାହାକୁ କୁହାଯାଏ ?

ଉ- ପୁରୀ ଶ୍ରୀମନ୍ଦିରର ଉତ୍ତର ଦ୍ୱାରକୁ କୁହାଯାଏ ।

୬. ପ୍ର- ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବେଶ ପରିଧାନରେ 'ଚେହେଲି' କ'ଣ ଗୁରୁତ୍ୱ ବହନ କରିଥାଏ ?

ଉ- ରକ୍ତ, ପିତ୍ତ ଓ ସବୁଜ ବର୍ଣ୍ଣ ମିଶା ଆଠ ହାତ ଲମ୍ବ ଓ ତିନି ହାତ ବିଶିଷ୍ଟ ଏକ ରେଶମ ବସ୍ତ୍ର । ଏହା ଅଣସର ଭିତରେ ସର୍ବାଙ୍ଗ ନୀତିରେ ଠାକୁରଙ୍କୁ ଲାଗି ହୁଏ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

# ଶ୍ରୀମନ୍ଦିରରେ ଚମ୍ପକ ଦ୍ୱାଦଶୀ

ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀକୁ ଚମ୍ପକ ଦ୍ୱାଦଶୀ ରୂପେ ଅଭିହିତ କରାଯାଇଛି, ଜ୍ୟୋତିଷ ଶାସ୍ତ୍ରାନୁସାରେ ଏହି ତିଥିରେ ଶ୍ରୀବିଷ୍ଣୁଙ୍କୁ ଚମ୍ପକ ପୁଷ୍ପରେ ପୂଜନ କଲେ ଭକ୍ତ ସର୍ବପାପରୁ ମୁକ୍ତ ହୋଇ ବୈକୁଣ୍ଠ ପୁରରେ ସ୍ଥାନ ପାଏ । ଏହି ତିଥିରେ ଚମ୍ପାଫୁଲ ଦ୍ୱାରା ବିଷ୍ଣୁଙ୍କୁ ପୂଜା କରିବାର ବିଧି ରହିଛି ।

'ଦ୍ୱାଦଶୀ ଶୁକ୍ଲପକ୍ଷସ୍ୟ ଚମ୍ପକୈରର୍ଚୟେଦ୍ ହରିମ୍ ।
ସର୍ବପାପବିନିର୍ମୁକ୍ତଃ ସ ଜାତ୍ୟଚ୍ୟୁତ ମନ୍ଦିରମ୍ ॥'

ସତ୍ୟଯୁଗରେ ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଆଗମନ କରି ନାରଦଙ୍କ ପରାମର୍ଶ କ୍ରମେ ଏହି ଦିନ ଯଜ୍ଞନୃସିଂହଙ୍କୁ ପ୍ରତିଷ୍ଠା କରିଥିଲେ ।

'ଜୈ୍ୟଷ୍ଠ ଶୁକ୍ଲଦ୍ୱାଦଶୀ ଯା ସ୍ୱାତୀ ନକ୍ଷତ୍ର ସଂଯୁତା ।
ତସ୍ୟାଂ ପ୍ରତିଷ୍ଠିତଃ କ୍ଷେତ୍ରେ ଦିବ୍ୟସିଂହୋ ମହର୍ଷିଣା ॥
(ଶ୍ରୀ.ପୁ.କ୍ଷେ.ମା ୧୬/୫୬)



ବ୍ରହ୍ମତନୟ ମହର୍ଷି ନାରଦ ସ୍ୱାତୀ ନକ୍ଷତ୍ରଯୁକ୍ତ ଜ୍ୟେଷ୍ଠ ମାସୀୟ ଶୁକ୍ଳ ଦ୍ୱାଦଶୀରେ ଏହି ପୁଣ୍ୟ କ୍ଷେତ୍ରରେ ଦିବ୍ୟ ନୃସିଂହ ଦେବଙ୍କ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ ।

ଶ୍ରୀମନ୍ଦିରରେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ନୀତିକାନ୍ତି ଅନୁଯାୟୀ ରୁକ୍ମିଣୀ ହରଣ ଓ ବିବାହ ବିଧି ସମ୍ପନ୍ନ ହୋଇଥାଏ । ଦ୍ୱାଦଶୀ ତିଥିରେ ପରମ୍ପରା ଅନୁସାରେ ରୁକ୍ମିଣୀ ବିବାହୋତ୍ତର ମହାପ୍ରଭୁଙ୍କ ଗୁଆଲି ଉତ୍ସବ ଅନୁଷ୍ଠିତ ହୋଇଥାଏ । ଏହି ନୀତି କେବଳ ଶ୍ରୀକ୍ଷେତ୍ରରେ ଅନୁସୃତ ହୋଇଥାଏ । ଦ୍ୱାଦଶୀରେ ସକାଳଧୂପ ଏବଂ ଭୋଗମଣ୍ଡପ ନୀତି ଉତ୍ତାରୁ ଆଲଟ ଲାଗି ହୋଇ ତିନି ବାଡ଼ରେ ମହାସ୍ନାନ ଏବଂ ନୂତନ ବସ୍ତ୍ରରେ ଅଳଂକରଣ ହୋଇଥାଏ । ତତ୍ପରେ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ସେବକ ରୂପା ପିଙ୍ଗଣରେ ଚନ୍ଦନ ବିଜେ ପୂର୍ବକ ଚନ୍ଦନ ସର୍ବାଙ୍ଗ ନୀତି ଅନୁଷ୍ଠିତ ହୁଏ, ତତ୍ପରେ ବେଶ ବଢ଼ି ମଧ୍ୟାହ୍ନ ଧୂପ ନୀତି ସମ୍ପନ୍ନ ହୁଏ । ଏହାପରେ ବରକନ୍ୟା ରୂପରେ ଶ୍ରୀମଦନମୋହନ ଏବଂ ଶ୍ରୀଦେବୀଙ୍କୁ ରତ୍ନସିଂହାସନ ଉପରକୁ ବିଜେ କରାଯାଇ ବନ୍ଦାପନା କରାଯାଏ । ତତ୍ପରେ ବରକନ୍ୟା ଦୁଇ ପ୍ରତିମାଙ୍କୁ ଆଜ୍ଞାମାଳ ଲାଗି ପୂର୍ବକ ମହାଜନ ସେବକମାନେ ବିଜେ କରାଇ ଝୁଲଣ ମଣ୍ଡପ ସନ୍ନିକଟ ପାଲିଙ୍କିରେ ଆସୀନ କରାଇଥାନ୍ତି । ଏହାପରେ ବିମାନବଡୁ ସେବକମାନେ ବଡ଼ଦେଉଳ ଘରି ପାଖରେ ବୁଲାଇ ସିଂହଦ୍ୱାର ବାଟେ ଶ୍ରୀନଅରକୁ ଶୋଭାଯାତ୍ରା ସହ ପଟୁଆରରେ ପାଲିଙ୍କିକୁ ନେଇଥାନ୍ତି । ଗଜପତି ମହାରାଜା ବରବଧୂଙ୍କୁ ପାଛୋଟି ନେଇ ଖଟ ଉପରେ ବିଜେ କରାଇବା ପରେ ମହାସୁଆରଙ୍କ ଦ୍ୱାରା ପ୍ରସ୍ତୁତ ପିଠାକୁ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ଲଗାଇଥାନ୍ତି । ଗଜପତିଙ୍କ ଦ୍ୱାରା ବନ୍ଦାପନା ଓ ଚାମର ଆଲଟ ନୀତି ପରେ ଶ୍ରୀନଅର ଭିତର ଶୋଧ ହୋଇଥାଏ, ଯେଉଁଥିରେ ସେବକ ଓ ଅନ୍ୟମାନେ ବାହାରକୁ ଆସିଲା ପରେ ଶ୍ରୀନଅର ସିଂହଦ୍ୱାରକୁ ବନ୍ଦ କରାଯାଏ । ଇତ୍ୟବସରେ ରାଜା ରାଣୀ ଏବଂ ତାଙ୍କ ପରିବାରବର୍ଗ ବରକନ୍ୟାଙ୍କୁ ବନ୍ଦାପନା କରି ଭେଟି ପ୍ରଦାନ କରିଥାଆନ୍ତି । ଏହାପରେ ରାଜାରାଣୀ ନଅର ଭିତରକୁ ଗଲାପରେ ସିଂହଦ୍ୱାରକୁ ଖୋଲାଯାଏ । ତତ୍ପରେ ମହାଜନ ସେବକମାନେ ବରକନ୍ୟାଙ୍କୁ ହସ୍ତରେ ଖଟ ଉପରୁ ପାଲିଙ୍କିକୁ ବିଜେ କରାନ୍ତି । ପାଲିଙ୍କିକୁ ବିମାନବଡୁ ସେବକମାନେ ଶ୍ରୀକ୍ଷେତ୍ରରେ ହରିହରାତ୍ମକ ଜ୍ୟେଷ୍ଠ ପାଣ୍ଡବ ଶ୍ରୀଯମେଶ୍ୱରଙ୍କ ମନ୍ଦିରକୁ ନେବାପରେ ସେଠାରେ ବରକନ୍ୟାଙ୍କ ପଞ୍ଚଗ୍ରାସୀ ନୀତି ସମ୍ପନ୍ନ ହୋଇଥାଏ । ଏଠାରେ ଉଲ୍ଲେଖନୀୟ ଯେ ଶିବପାର୍ବତୀଙ୍କ ବିବାହ ଅବସରରେ ପଞ୍ଚ ଶିବ ପାର୍ବତୀଙ୍କୁ ଲକ୍ଷ୍ମୀ ମନ୍ଦିର ଜଗମୋହନରେ ଶ୍ରୀହରି (ଗୋବିନ୍ଦ)ଙ୍କ ଉପସ୍ଥିତିରେ ପଞ୍ଚଗ୍ରାସୀ ମଣୋହି ନୀତି ହୋଇଥାଏ ।

ଏହା ହରି ଓ ହରିଙ୍କ ମଧ୍ୟରେ ସମନ୍ୱୟ ସୂଚକ ନୀତି ଅଟେ । ଶ୍ରୀମଦନମୋହନ ଏବଂ ଶ୍ରୀଦେବୀଙ୍କର ପଞ୍ଚଗ୍ରାସୀ ମଣୋହି ଓ ବନ୍ଦାପନା ନୀତି ପରେ ବାହୁଡ଼ା ବିଜେ ଶ୍ରୀମନ୍ଦିର ଦକ୍ଷିଣି ଘରକୁ ହୋଇଥାଏ । ଶ୍ରୀମନ୍ଦିରର ରତ୍ନ ସିଂହାସନସ୍ଥ ଶ୍ରୀବିଗ୍ରହମାନଙ୍କ ଆଲଟ, ଚନ୍ଦନ ଲାଗି ଓ ବଡ଼ସିଂହାର ଭୋଗ ସମାପ୍ତ ହେବା ପରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ କଲାପରେ ଅନ୍ୟାନ୍ୟ ଦୈନନ୍ଦିନ ନୀତି ହୋଇ ରାତ୍ର ପହୁଡ଼ ନୀତି ଅନୁଷ୍ଠିତ ହୋଇଥାଏ ।

*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ*
*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ*
*ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

## ଜୁନ୍ ମାସର ବିଶିଷ୍ଟ ଦିବସ

| | |
|---|---|
| ତା ୧.୬.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଚମ୍ପକ ଦ୍ୱାଦଶୀ |
| ତା ୨.୬.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଦଇତାପତି ପ୍ରବେଶ |
| ତା ୩.୬.୨୩ ରିଖ ଶନିବାର | ଚତୁର୍ଥୀ ହୋମ ଓ ସେନାପଟା ଲାଗି |
| ତା ୪.୬.୨୩ ରିଖ ରବିବାର | ଦେବସ୍ନାନ ପୂର୍ଣ୍ଣିମା, ଗଜାନନ ବେଶ ଓ ଅନବସର ଆରମ୍ଭ |
| ତା ୧୩.୬.୨୩ ରିଖ ମଙ୍ଗଳବାର | ଚକାବିଜେ ଦଶମୀ |
| ତା ୧୪.୬.୨୩ ରିଖ ବୁଧବାର | ଖଳିଲାଗି ଏକାଦଶୀ |
| ତା ୧୫.୬.୨୩ ରିଖ ଗୁରୁବାର | ରାଜପ୍ରସାଦ ଶ୍ରୀନଅରକୁ ବିଜେ |
| ତା ୧୬.୬.୨୩ ରିଖ ଶୁକ୍ରବାର | ଘଣା ଲାଗି |
| ତା ୧୮.୬.୨୩ ରିଖ ରବିବାର | ବନକ ଲାଗି |
| ତା ୧୯.୬.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ବନ୍ଦାପନା |
| ତା ୨୦.୬.୨୩ ରିଖ ମଙ୍ଗଳବାର | ଶ୍ରୀଗୁଣ୍ଡିଚା ଯାତ୍ରା |
| ତା ୨୪.୬.୨୩ ରିଖ ଶନିବାର | ହେରାପଞ୍ଚମୀ |
| ତା ୨୭.୬.୨୩ ରିଖ ମଙ୍ଗଳବାର | ସନ୍ଧ୍ୟା ଦର୍ଶନ |
| ତା ୨୮.୬.୨୩ ରିଖ ବୁଧବାର | ବାହୁଡ଼ା ଯାତ୍ରା |
| ତା ୨୯.୬.୨୩ ରିଖ ଗୁରୁବାର | ବଡ଼ତଡ଼ାଉ ବେଶ ବା ସୁନାବେଶ |
| ତା ୩୦.୬.୨୩ ରିଖ ଶୁକ୍ରବାର | ଅଧର ପଣା |

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

*Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100*
*E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri*
@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri
ମୂଲ୍ୟ : ଦୁଇଟଙ୍କା ମାତ୍ର